## ବ୍ରହ୍ମପୁରରେ ଅପରାହ୍ନ ୪ଟାରୁ ରଥଟଣା

ବ୍ରହ୍ମପୁର ଅଫିସ,୩୦।୬:ବ୍ରହ୍ମପୁରରେ ମଧ୍ୟ ବିଭିନ୍ନ ଜଗନ୍ନାଥ ମନ୍ଦିର ଗୁଡ଼ିକରେ ଶୁକ୍ରବାର ଅପରାହ୍ନ ୪ ରୁ ୬ଟା ମଧ୍ୟରେ ରଥଟଣା ସମ୍ପନ୍ନ ହେବା ନିମନ୍ତେ ସ୍ଥିର ହୋଇଛି। ସହରରେ ଥିବା କୋର୍ଟପେଟା ଜଗନ୍ନାଥ ମନ୍ଦିର, ଗୋଷାଣୀନୂଆଗାଁ ଉତ୍ତରେଶ୍ୱର, ବିଜିପୁର, ବଡ଼ ବଜାର ତ୍ରିମୂର୍ତ୍ତି ଜଗନ୍ନାଥ ମନ୍ଦିର, ସାନ ଜଗନ୍ନାଥ ମନ୍ଦିର, ଆମ୍ବପୁଆ ଓ ଗୋଇଲୁଣ୍ଡି ଆଦି ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ରଥଯାତ୍ରା ଉପଲକ୍ଷେ ସ୍ୱତନ୍ତ୍ର ଗାଇଡ଼ ଲାଇନ ଜାରି କରାଯାଇଛି।



# ଘଣ୍ଟାଏ ବର୍ଷାରେ ବୁଡ଼ିଲା ଘର

ବ୍ରହ୍ମପୁର ଅଫିସ,୩୦।୬



ବିଏମସି କାର୍ଯ୍ୟାଳୟ ପରିସରରେ ପାଣି।

ମୌସୁମୀ ପ୍ରଭାବରେ ଗୁରୁବାର ସହରରେ ମଧ୍ୟାହ୍ନରୁ ୧ ଘଣ୍ଟା ଧରି ଲଗାଣ ବର୍ଷା ହୋଇଥିଲା। ଫଳରେ ସହର ବିଭିନ୍ନ ଅଞ୍ଚଳ ବର୍ଷା ଜଳରେ ବୁଡି ରହିବା ସହ ବହୁ ସାହିରେ ଘର ମଧ୍ୟରେ ପାଣି ପଶି ଆସାବ ପତ୍ର ଭାସୁଥିବା ଦେଖିବାକୁ ମିଳିଥିଲା। ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗତ ମଙ୍ଗଳବାର ଏକ ଜରୁରୀକାଳୀନ ବୈଠକରେ ସହରକୁ ଜଳବନ୍ଦୀ ମୁକ୍ତ ପାଇଁ ଆସନ୍ତା ୨ ତାରିଖରୁ ଆରମ୍ଭ ହେବାକୁ ଥିବା ଡ୍ରେନ୍ ସଫେଇ ଅଭିଯାନ ନେଇ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହା ପୂର୍ବରୁ ସହରର ସ୍ଥିତି ବେହାଲ ସାଙ୍ଗକୁ ବିଏମ୍‌ସି କାର୍ଯ୍ୟାଳୟ ପରିସର ବର୍ଷା ଜଳରେ ବୁଡି ରହିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟାଳୟ ପରିସରରେ ଥିବା ୨ ଚକିଆ ଯାନବାହାନଠାରୁ ଆରମ୍ଭ କରି ୪ ଚକିଆ ଯାନ ବୁଡି ରହିଥିଲା। ଅନ୍ୟପଟେ ମଧ୍ୟାହ୍ନରୁ ପ୍ରାୟ ୧ ଘଣ୍ଟା ଧରି ଲଗାଣ ବର୍ଷାରେ ସହରର ରାସ୍ତା ଘାଟ ସାଙ୍ଗକୁ ତଳି ଅଞ୍ଚଳରେ ବହୁ ଘରେ ନର୍ଦ୍ଦମା ପାଣି ପଶି ଆସବାବ ପତ୍ର ବୁଡି ଯାଇଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ସହରର ୨୫ ନଂ. ୱାର୍ଡ ଅନ୍ତର୍ଗତ ସାନ ବାଉରି ସାହି ଅଞ୍ଚଳରେ ବହୁ ଘରେ ନର୍ଦ୍ଦମା ପାଣି ପଶିଯାଇଥିଲା। ଏପରିକି ରୋଷେଇ ଘର ବୁଡିବା ସାଙ୍ଗକୁ ଖାଦ୍ୟ ସାମଗ୍ରୀ ମଧ୍ୟ ପାଣିରେ ଭାସିଥିଲା। ଏପରିକି ସାହି ରାସ୍ତା ଉପରେ ମଧ୍ୟ ନର୍ଦ୍ଦମା ପାଣି ସୁଅ ଛୁଟିବାରୁ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହି ରାସ୍ତା ଦେଇ ଯାଉଥିବା ସାଧାରଣ ଜନତା ଆଣ୍ଠୁଏ ଉଚ୍ଚର ପାଣିରେ ଯାଇ ନ ପାରି ଫସି ରହିଥିଲେ। ବହୁ ପରିବାର ନର୍ଦ୍ଦମା ପାଣିକୁ ନିଷ୍କାସନ ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ଏହାପରେ ଖବର ପାଇ ସ୍ଥାନୀୟ କର୍ପୋରେଟର ନରସିଂହ ସେଠୀ ପହଞ୍ଚିଥିଲେ। ଏହାପରେ ସେ ପାଣି ନିଷ୍କାସନ ପାଇଁ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ଡେରିରେ ହେଲେ ବି ବିଏମ୍‌ସି ପକ୍ଷରୁ ସଫେଇ କର୍ମଚାରୀ ଆସି

### ବିଏମ୍‌ସି କାର୍ଯ୍ୟାଳୟ ଉବୁଟୁବୁ

ଡ୍ରେନ୍ ସଫେଇ ପରେ ବର୍ଷା ଜଳ ସାମାନ୍ୟ ନିଷ୍କାସନ ହୋଇଥିଲା। ତେବେ ଦୀର୍ଘ ଦିନ ଧରି ଅଞ୍ଚଳରେ ରହିଥିବା ଏକ ଡ୍ରେନକୁ ସଫା କରାଯାଉ ନାହିଁ। ଫଳରେ ଲଗାଣ ବର୍ଷା ସମୟରେ ଘରେ ପାଣି ପଶୁଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ସେହିଭଳି ଲାଞ୍ଜିପଲୀ ମୁଖ୍ୟ ରାସ୍ତାରେ ମଧ୍ୟ ଦୀର୍ଘ ୧ ଘଣ୍ଟା ଧରି ବର୍ଷା ଜଳର ସୁଅ ଛୁଟିଥିଲା। ଫଳରେ ଏହି ରାସ୍ତା ଦେଇ ଯାଉଥିବା ବହୁ ଯାନବାହନ ବୁଡି ଯାଉଥିବାରୁ ଯାତାୟାତରେ ସମସ୍ୟା ଉପୁଜି ଥିଲା। ପରେ ସ୍ଥିତିରେ ସୁଧାର ଆସିଥିଲା। ଏଣୁ ଏଭଳି ସ୍ଥିତିକୁ ସୁଧାରିବାକୁ ହେଲେ ବିଏମସି ପକ୍ଷରୁ ଖୁବ ଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସହରବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବ୍ରହ୍ମପୁରରେ କୃତ୍ରିମ ବନ୍ୟା ସୃଷ୍ଟି ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ବଡ଼ଗଡ଼ରେ ହେବନି ରଥଯାତ୍ରା

ସୋରଡା,୩୦।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକ ବଡ଼ଗଡ଼ରେ ଚଳିତବର୍ଷ ରଥଯାତ୍ରା ହେବନି। ମନ୍ଦିର ବେଢ଼ାରେ କେବଳ ରିତିନୀତି ସମ୍ପନ୍ନ ହେବ ବୋଲି ରାଜ ପରିବାର ପକ୍ଷରୁ ସୂଚନା ମିଳିଛି। ବଡ଼ଗଡ଼ ରାଜ ପରିବାରର ଏହି ମନ୍ଦିରରେ ଶହ ଶହ ବର୍ଷ ତଳୁ ରଥଯାତ୍ରା ହେଉଥିଲା। ସୋରଡ଼ା ବ୍ଲକ ସମେତ କନ୍ଧମାଳ ଓ ଗଜପତି ଜିଲାରୁ ବହୁ ଭକ୍ତ ଏଠାକୁ ଆସି ରଥଟଣାରେ ସାମିଲ ହେଉଥିଲେ। ଗତ ୨ବର୍ଷ ହେଲା କରୋନା କଟକଣା ଯୋଗୁ ରଥ ଗଡ଼ି ନ ଥିଲା। ମନ୍ଦିର ବେଢ଼ାରେ ମହାପ୍ରଭୁଙ୍କ ନୀତି ସମ୍ପନ୍ନ ହେଉଥିଲା। ଚଳିତବର୍ଷ ରଥଯାତ୍ରାକୁ ଅନୁମତି ମିଳିଥିଲେ ମଧ୍ୟ ରଥ ନିର୍ମାଣ ହୋଇ ନ ପାରିବାରୁ ଯାତ୍ରା ବନ୍ଦ ରହିଥିବା ଜଣାପଡ଼ିଛି। ଏହା ହଜାର ହଜାର ଜଗନ୍ନାଥପ୍ରେମୀଙ୍କୁ ନିରାଶ କରିଛି। ଅନ୍ୟପକ୍ଷରେ ସୋରଡ଼ାରେ ଚଳିତବର୍ଷ ଆଡ଼ମ୍ବରରେ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ୨ ବର୍ଷ ହେଲା ବନ୍ଦ ଥିବା ଯାତ୍ରା ପୁଣି ହେଉଥିବାରୁ ରଥ ଟାଣିବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ଏଠାରେ ପ୍ରବଳ ଭିଡ଼ ହେବାକୁ ଥିବାରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ବଡ଼ଗଡ଼ ରଥଯାତ୍ରା ବନ୍ଦ ସମ୍ପର୍କରେ ରାଜ ପରିବାରର ଦାୟାଦ କିଶୋର ଚରଣ ସିଂଙ୍କୁ ପଚାରିବାରେ ସେ କହିଛନ୍ତି, ଏଠାର ରଥର ଉଚ୍ଚତା ୨୨ ହାତ ଓ ଓସାର ମଧ୍ୟ ୨୨ ହାତ। ଠିକ୍ ସମୟରେ କାଠ ପହଞ୍ଚି ନ ପାରିବାରୁ ରଥ ମରାମତି ହୋଇ ପାରିଲାନାହିଁ। ତେଣୁ ରଥଯାତ୍ରା ଆୟୋଜନ ସମ୍ଭବ ହେଲାନି। ମନ୍ଦିର ବେଢାରେ ରୀତିନୀତି ହେବ ବୋଲି ସେ କହିଥିଲେ।







## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କୁ ଆକ୍ରମଣ ମାମଲାରେ ୨ ଛାତ୍ର ଗିରଫ

ଗୋପାଳପୁର,୩୦।୬ (ଡ଼ି.ଏନ.ଏ.)

କିଛି ଦିନ ବ୍ୟବଧାନ ପରେ ପୁଣିଥରେ ଅଶାନ୍ତ ହୋଇପଡ଼ିଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ। ଏବେ ଟାର୍ଗେଟ ସାଜିଛନ୍ତି ପ୍ରଫେସର। ବୁଧବାର ରାତିରେ ଓଡ଼ିଆ ବିଭାଗ ପ୍ରଫେସର ସଦାନନ୍ଦ ନାୟକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଗୁରୁବାର ଗୋପାଳପୁର ଥାନା ପୋଲିସ ୨ ଜଣ ଛାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ହୃଷୀକେଶ ବାଡ଼ତ୍ୟା ଓ ଦିନେଶ ପାଢ଼ୀ। ଉଭୟେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର। ହୃଷୀକେଶ ଓ ଦିନେଶ ବୁଧବାର ରାତିରେ ସଦାନନ୍ଦ ରହୁଥିବା କ୍ୱାର୍ଟର୍ସକୁ ଯାଇ କବାଟ ବାଡ଼େଇ ଥିଲେ। ସେ ଖୋଲିବା ପରେ ଉଭୟ ଛାତ୍ର ଜବରଦସ୍ତ ତାଙ୍କ ଘର ଭିତରେ ପଶି ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥି ସହ ଆମକୁ କାହିଁକି ପିଏଚଡ଼ି ସିଟ ଦେଉନାହାନ୍ତି ବୋଲି ପ୍ରଶ୍ନ କରିବା ସହ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପାଟିଶୁଣି ସ୍ଥାନୀୟ ଲୋକ ସଦାନନ୍ଦଙ୍କୁ ଉଦ୍ଧାର କରିଥିଲେ। ଏନେଇ ସଦାନନ୍ଦ ଗୁରୁବାର ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନମ୍ବର ୧୨୩/୨୨ ରେ ମାମଲା ରୁଜୁ କରି ପୋଲିସ ଦିନେଶ ଓ ହୃଷୀକେଶଙ୍କୁ ଥାନାରେ ଅଟକ ରଖି ପଚାରା ଉଚୁରା କରିଥିଲା। ଗୁରୁବାର ଆପୋଷ ବୁଝାମଣା ନ ହେବା ଫଳରେ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ କହିଛନ୍ତି।




## ଭିଜିଲାନ୍ସ ଏସ୍‌ପିଙ୍କ ବଦଳି

ବ୍ରହ୍ମପୁର ଅଫିସ,୩୦।୬

ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ତ୍ରିଲୋଚନ ସ୍ୱାଇଁଙ୍କର କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଛି। ସେ ୨୦୨୧ ଅକ୍ଟୋବର ୫ରେ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅନ୍ୟପଟେ ଭୁବନେଶ୍ୱରରେ କାର୍ଯ୍ୟରତ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନଙ୍କୁ ବ୍ରହ୍ମପୁର ଏସ୍‌ପି ଭାବେ ବଦଳି ହୋଇଛି।

## ତହସିଲଦାର ଜିଦ୍‌ରେ ଅଟଳ ୫ରେ ପୂଜକଙ୍କ ଘର ଉଚ୍ଛେଦ ପାଇଁ ପୁଣି ନୋଟିସ

ଗଞ୍ଜାମ,୩୦।୬(ଡି.ଏନ୍.ଏ.)

ଗଞ୍ଜାମ ସହର ତ୍ରିବେଣୀ ମଠଛକଠାରେ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରହି ଆସୁଥିବା ପୂଜକ କନ୍ଧ ଶତପଥୀଙ୍କ ଘର ଆସନ୍ତା ୫ରେ ଭାଙ୍ଗିବାକୁ ପୁଣି ନୋଟିସ ଜାରି କରିଛନ୍ତି ତହସିଲଦାର ଅରୁଣ କୁମାର ନାୟକ। ନୋଟିସ ପାଇବା ପରେ ଭୟଭୀତ ହୋଇ ପଡ଼ିଛନ୍ତି ପୂଜକଙ୍କ ପରିବାର। ତହସିଲଦାର ନାୟକଙ୍କ ଏପରି କାର୍ଯ୍ୟକୁ ଗଞ୍ଜାମ ସହରବାସୀ ଦୃଢ଼ ନିନ୍ଦା କରିଛନ୍ତି। ପୂଜକଙ୍କ ଘରକୁ ଲାଗି ରହିଥିବା ସରକାରୀ ଜାଗାରେ ଜଣେ ଲୋକ ପାଚେରି ବୁଲାଇଥିବା ବେଳେ ତାକୁ ଉଚ୍ଛେଦ ନ କରି ଜଣେ ଲୋକ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହି ଆସିଥିବା ଘରକୁ ତହସିଲଦାର କାହିଁକି ଭାଙ୍ଗିବାକୁ ଜିଦ୍ ଧରିଛନ୍ତି ବୋଲି ସହରବାସୀ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ଗତ ମଙ୍ଗଳବାର ତହସିଲଦାର ଜେସିବି ମେଶିନ ଦ୍ୱାରା ଘର ଭାଙ୍ଗିବାକୁ ପ୍ରସ୍ତୁତି ଆରମ୍ଭ କରିବା ବେଳକୁ ପୂଜକ ଶତପଥୀଙ୍କ ସ୍ତ୍ରୀ ଓ ପୁଅ ବୋହୂ ଜେସିବି ଆଗରେ ବସି ରହିଥିଲେ। ଏହି ଘଟଣା ନେଇ ତହସିଲଦାର ନାୟକ ଏବଂ ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ପଟ୍ଟନାୟକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ ବିରୋଧ ପରେ ତହସିଲଦାର ନିରାଶ ହୋଇ ଫେରିଥିଲେ। ଏହି ଘଟଣାରେ ଉଭୟଙ୍କ ଏତଲା ପରେ ପୃଥକ୍ ଭାବେ ନଂ.୧୦୦/୨୨ ଓ ୧୦୧/୨୨ରେ ଦୁଇଟି ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ ସୂଚନା ଦେଇଛନ୍ତି।






# ବାଇପାସ୍ ରାସ୍ତା ପାଇଁ ବିଧାୟକ, ଅଧୀକ୍ଷଣ ଯନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ

**ଜି.ଉଦୟଗିରି,୩୦।୬(ଡି.ଏନ୍.ଏ.)**

ଜି.ଉଦୟଗିରି ସହରରେ ବାଇପାସ୍ ରାସ୍ତା ନିର୍ମାଣ ନିମନ୍ତେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କ ସହ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରାୟ ଓ ଏକ ଟିମ୍ ବୁଧବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ବାଇପାସ୍ ରାସ୍ତା ନିର୍ମାଣ ହେଲେ ଟ୍ରାଫିକ ସମସ୍ୟା ଦୂର ହେବା ସହ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଜଣାପଡ଼ିଛି। ବାଇପାସ୍ ରାସ୍ତା ପଦାସାହି ଓୟୁଟି କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ଶ୍ରୀରାମପଦା ବସ୍‌ଷ୍ଟାଣ୍ଡ ଦେଇ କନବାଗିରିରେ ବାହାରିବାକୁ ଯୋଜନା ହୋଇଛି। ବହୁବର୍ଷ ହେଲା ଏହି ଯୋଜନା ଅଟକି ରହିଥିଲା। ବୁଧବାର ବିଧାୟକଙ୍କ ସହିତ ଏକ ଟିମ୍ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଯାହା ଦ୍ୱାରା ଜି.ଉଦୟଗିରି ସହରର ଅତ୍ୟାବଶ୍ୟକ ଥିବା ବାଇପାସ୍ ରାସ୍ତା ନିର୍ମାଣ ଆଶା ଉଜ୍ଜ୍ୱଳ ହୋଇଛି। ବିଧାୟକ ସାଲୁଗା ପ୍ରଧାନଙ୍କ ସହିତ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରାୟ, ନିର୍ବାହୀ ଯନ୍ତ୍ରୀ ବାବୁଲି ଚାନ୍ଦ ଗୌଡ, ଏନ୍‌ଏସି ଅଧକ୍ଷା ଭାନୁପ୍ରଭା ମିଶ୍ର, ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ନଗର ବିଜେଡି ସଭାପତି ଗୋପାଳ ମହାପାତ୍ର, ବ୍ଲକ ସଭାପତି ଲିଙ୍ଗରାଜ କହଁର, ଜିଲା ସମ୍ପାଦକ କାଲୁ ଚରଣ ପଣ୍ଡା, ଉପ ସଭାପତି ଏମ୍‌ଡି ଆଲମସ୍, ବ୍ଲକ ବିଧାୟକ ପ୍ରତିନିଧି ଯମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।







## ଗୃହ ନିର୍ମାଣ କାଗଜପତ୍ର ପାଇଁ ଲାଞ୍ଚ

# ପଞ୍ଚାୟତ ନିର୍ବାହୀ ଅଧିକାରୀ ଗିରଫ

**ପାତ୍ରପୁର,(ଡି.ଏନ.ଏ.)/ବ୍ରହ୍ମପୁର ଅଫିସ,୩୦।୬**

ଗୃହ ନିର୍ମାଣ ଲାଗି ଶେଷ କିସ୍ତିର କାଗଜପତ୍ର ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ଧରାପଡ଼ିଛନ୍ତି ପାତ୍ରପୁର ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ରାଜେନ୍ଦ୍ର କୁମାର ବେହେରା (୫୨)। ସେ ଗୁରୁବାର ଜଣେ ହିତାଧିକାରୀଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ମାମଲା ନମ୍ବର ୧୦/୨୨ରେ ତାଙ୍କୁ ଗିରଫ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ତ୍ରିଲୋଚନ ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପଟେ ପିଇଓ ବେହେରାଙ୍କ ବ୍ରହ୍ମପୁର ଲକ୍ଷ୍ମୀବିହାର ବାସଭବନରେ ଭିଜିଲାନ୍ସ ଟିମ୍ ଖାନତଲାସି ଜାରି ରଖିଛି ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି।

ପ୍ରକାଶ ଯେ, କେ.ନୂଆଗାଁ ଥାନା ଅନ୍ତର୍ଗତ ବନମାଳୀ ଗ୍ରାମରେ ରହୁଥିବା ରାଜେନ୍ଦ୍ର ବେହେରା ପାତ୍ରପୁର ବ୍ଲକ ତୁରୁବୁଡ଼ି ପଞ୍ଚାୟତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ। ଜରଡ଼ା ଥାନା ଅନ୍ତର୍ଗତ ପୁହୁଣ୍ଡି ଗ୍ରାମର ଶ୍ରୀମତୀ ଗୌଡ଼ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଏକ ଗୃହ ନିର୍ମାଣ ପାଇଁ ଅନୁଦାନ ପାଇଥିଲେ। ଇତିମଧ୍ୟରେ ଉକ୍ତ ମହିଳାଙ୍କ ଗୃହ ନିର୍ମାଣ କାମ ଶେଷ ହୋଇସାରିଛି। ଉକ୍ତ ନିର୍ମାଣ କାମର ଶେଷ କିସ୍ତି ବାବଦକୁ ସେ ୩୦ ହଜାର ଟଙ୍କା ପାଇବାର ଥିଲା। ଏଣୁ ହିତାଧିକାରୀ ଜଣଙ୍କ ପିଇଓ ବେହେରାଙ୍କୁ ଭେଟି ଉକ୍ତ କାମ ଶେଷ କିସ୍ତିର କାଗଜପତ୍ର କରିବା ପାଇଁ ଅନୁରୋଧ କରିଥିଲେ। ହେଲେ ପିଇଓ ବେହେରା ହିତାଧିକାରୀଙ୍କୁ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ହିତାଧିକାରୀ ମହିଳା ଜଣଙ୍କ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଶ୍ରୀମତୀ ଗୌଡ଼ ଗୁରୁବାର ପିଇଓ ବେହେରାଙ୍କ ନୂଆଗାଁ ଥାନା ଅନ୍ତର୍ଗତ ବନମାଳୀ ଗ୍ରାମରେ ଥିବା ବାସଭବନକୁ ଯାଇଥିଲେ। ସେଠାରେ ଶ୍ରୀମତୀ ଗୌଡ଼ ପିଇଓଙ୍କୁ ୬ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ବେହେରାଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା, ଆବଶ୍ୟକ କାଗଜପତ୍ର ଜବତ କରିବା ସହ ସେଠାରୁ ତାଙ୍କୁ ଗିରଫ କରିଥିଲେ।






















# ପୁଣି ଏକ ଠକେଇ

## ବ୍ୟବସାୟୀଙ୍କଠାରୁ ନେଇଗଲେ ୧.୯୫ ଲକ୍ଷ

**ବ୍ରହ୍ମପୁର ଅଫିସ,୩୦।୬**

ବ୍ରହ୍ମପୁର ସହରରେ ବଢୁଛି ସାଇବର ଠକେଇ। ପୋଲିସ ସେମାନଙ୍କ ଟେର୍ ପାଇପାରୁନାହିଁ। ଏହି ଧାରାରେ ପୁଣି ଜଣେ ବ୍ୟବସାୟୀ ଠକେଇର ଶିକାର ହୋଇଛନ୍ତି। ଉତ୍ତରପ୍ରଦେଶର ବ୍ୟବସାୟୀ ବ୍ରହ୍ମପୁରର ଜନୈକ ଆମ୍ବ ବ୍ୟବସାୟୀଙ୍କଠାରୁ ୧ ଲକ୍ଷ ୯୫ ହାଜର ଟଙ୍କା ଠକି ନେଇଛନ୍ତି । ଫେସ୍‌ବୁକ୍‌ରୁ ବିଜ୍ଞାପନ ଦେଖି ଆମ୍ବ ଅର୍ଡର ଦେଇଥିବା ବ୍ୟବସାୟୀ ଜଣଙ୍କ ଠକେଇର ଶିକାର ହେବା ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ନଂ.୧୯/୨୨ରେ ଏକ ମାମଲା ରୁଜୁ ହୋଇଛି । ସୂଚନା ପ୍ରକାରେ, ବ୍ରହ୍ମପୁରର ଏହି ଆମ୍ବ ବ୍ୟବସାୟୀ ଜଣଙ୍କ ଫେସ୍‌ବୁକ୍‌ରେ ଏକ ବିଜ୍ଞାପନ ଦେଖିବା ପରେ ଉତ୍ତରପ୍ରଦେଶର ବ୍ୟବସାୟୀଙ୍କ ସହ ମୋବାଇଲରେ ଯୋଗାଯୋଗ କରି ୭ ଟନ୍ ଆମ୍ବ ପଠାଇବାକୁ କହିଥିଲେ। ସେହିକ୍ରମରେ ସେ ଉତ୍ତରପ୍ରଦେଶ ବ୍ୟବସାୟୀଙ୍କୁ ବିଭିନ୍ନ ସମୟରେ ଅନ୍‌ଲାଇନରେ ମୋଟ୍ ୧ ଲକ୍ଷ ୯୫ ହଜାର ଟଙ୍କା ଅଗ୍ରିମ ଭାବେ ପଠାଇଥିଲେ। ହେଲେ ଉକ୍ତ ବ୍ୟବସାୟୀ ଜଣଙ୍କ ରାସ୍ତାରେ ଆମ୍ବ ଗାଡ଼ି ଖରାପ ହୋଇଯାଇଛି ବୋଲି ବାହାନା କରି ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ତାଙ୍କ ଯୋଗାଯୋଗ ନମ୍ବର ବନ୍ଦ କରିଦେଇଥିଲେ। ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବ୍ରହ୍ମପୁର ବ୍ୟବସାୟୀ ଜଣଙ୍କ ବିଫଳ ହେବା ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି।







## ନାବାଳକ ପ୍ରେମିକଙ୍କ ଆତ୍ମହତ୍ୟା ଉଦ୍ୟମ

**ଫୁଲବାଣୀ ଅଫିସ, ୩୦।୬**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଅଞ୍ଚଳରେ ଦଶମ ଶ୍ରେଣୀରେ ପଢୁଥିବା ଦୁଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ଉଭୟେ ଫେରାର ହେବାକୁ ଯୋଜନା କରିଥିବା ବେଳେ ପୋଲିସ ସହାୟତାରେ ଚାଇଲ୍ଡ ଲାଇନ ସେମାନଙ୍କ ଘରେ ପହଞ୍ଚି ବୁଝାଶୁଝା କରିଛି। ସେପଟେ ପ୍ରେମିକାଙ୍କୁ ଝୁରି ଛାତ୍ର ଜଣକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଫିରିଙ୍ଗିଆ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା ହେବା ପରେ ଛାତ୍ରଙ୍କୁ ଘରକୁ ପଠାଇ ଦିଆଯାଇଛି।




କିଆରା ଆଡ୍‌ଭାନୀ

# ବିବାହ ପୂର୍ବରୁ ଲିଭ୍‌ଇନ୍‌କୁ ହଁ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କ ଏକ ବୟାନ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବିବାହ ପୂର୍ବରୁ ପୁରୁଷବନ୍ଧୁଙ୍କ ସହ ଲିଭ୍‌ଇନ୍‌ରେ ରହିବାରେ କୌଣସି ସମସ୍ୟା ନାହିଁ ବୋଲି ସେ କହିଛନ୍ତି। କିଆରା ଏବେ ବଲିଉଡ୍‌ର ଆଗଧାଡ଼ିର ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କୁ ଡେଟ୍ କରୁଥିବା ବି-ଟାଉନ୍‌ରେ ଚର୍ଚ୍ଚା ହେଉଛି। ତେଣୁ ସିଦ୍ଧାର୍ଥଙ୍କ ଉଦ୍ଦେଶ୍ୟରେ ସେ ଏଭଳି କହିଥାଇପାରନ୍ତି ବୋଲି ଆଲୋଚନା ଜୋର୍ ଧରିଛି। କିଆରା ଏବଂ ସିଦ୍ଧାର୍ଥ ଏକାଠି ବୁଲୁଥିବାବେଳେ ଅନେକ ଥର କ୍ୟାମେରା ଲେନ୍ସରେ ଧରାପଡ଼ିଛନ୍ତି। ତେବେ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନେଇ କେହି ମୁହଁ ଖୋଲୁନାହାନ୍ତି। କିଛିଦିନ ତଳେ ସିଦ୍ଧାର୍ଥ ଏବଂ କିଆରା ପରସ୍ପରଠାରୁ ଅଲଗା ହୋଇଯାଇଥିବା ଚର୍ଚ୍ଚା ହୋଇଥିଲା। ହେଲେ ବହୁ ସାମାଜିକ କାର୍ଯ୍ୟକ୍ରମରେ ଏହି ଚର୍ଚ୍ଚିତ ଯୋଡ଼ିଙ୍କୁ ଏକାଠି ସ୍ପଟ୍ କରାଯିବା ପରେ ଏଥିରେ ଯବନିକା ପଡ଼ିଥିଲା। ନିକଟରେ ଉଭୟେ 'ଭୁଲ ଭୁଲେୟା-୨'ର ପ୍ରିମିୟରରେ ନଜର ଆସିଥିଲେ। ବିବାହ ନ କରି ବି ସିଦ୍ଧାର୍ଥଙ୍କ ସହ ଭଲରେ ଥିବା କିଆରା ବୁଲେଇ ବଙ୍କେଇ କହିବାକୁ ଚାହୁଁଛନ୍ତି, ଯାହା ତାଙ୍କ ବୟାନରୁ ସ୍ପଷ୍ଟ ହୋଇଛି।

# ବର୍ଷାଦିନେ ଜାପାନରେ ହିଟ୍‌ୱେଭ୍

**ଟୋକିଓ, ୩୦।୬**

ଜାପାନରେ ରେକର୍ଡ ଭାଙ୍ଗୁଛି ହିଟ୍‌ୱେଭ୍। ଭୟଙ୍କର ଗ୍ରୀଷ୍ମପ୍ରବାହରେ ଏହି ଦ୍ୱୀପ ଦେଶର ଜନତା ସନ୍ତୁଳି ହେଉଥିବାବେଳେ ଗତ ୫ଦିନ ଧରି ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହୁଛି। ରାଜଧାନୀ ଟୋକିଓର ଉତ୍ତର ପଶ୍ଚିମ ଦିଗରେ ଅବସ୍ଥିତ ଇସେସାକୀରେ ପାରଦ ୪୦ ଟପିଛି। ଦେଶରେ ତାପମାତ୍ରା ଲିପିବଦ୍ଧ ହେବା ଦିନଠାରୁ ଅର୍ଥାତ୍ ୧୮୭୫ରୁ ଏହା ସର୍ବକାଳୀନ ରେକର୍ଡ ବୋଲି କୁହାଯାଉଛି। ଅନ୍ୟପଟେ ଜାପାନ ଭଳି ବିକଶିତ ଦେଶରେ ବିଦ୍ୟୁତ୍ ସଙ୍କଟ ଦେଖାଦେଇଛି। ବିଜୁଳି ଅପଚୟ ରୋକିବା ଲାଗି ବିଭାଗୀୟ ଅଧିକାରୀମାନେ ନିବେଦନ କରୁଛନ୍ତି। ଅନ୍ୟପଟେ ଗ୍ରୀଷ୍ମପ୍ରବାହ କାରଣରୁ ଡାକ୍ତରଖାନାରେ ଅଂଶୁଘାତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ହିଟ୍‌ୱେଭରୁ ବର୍ତ୍ତିବା ପାଇଁ ଶୀତତାପ ନିୟନ୍ତ୍ରିତ ଘରେ ରହିବାକୁ ସରକାର ପରାମର୍ଶ ଦେଉଛନ୍ତି। ଆଗାମୀ କିଛିଦିନ ସାରାଦେଶରେ ଏଭଳି ସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବ୍ୟାପକ ଶିଳ୍ପାୟନ, ଜନସଂଖ୍ୟା ବିସ୍ଫୋରଣ, ଜଙ୍ଗଲ ଅବକ୍ଷୟ ଯୋଗୁ ପରିବେଶ ସନ୍ତୁଳନ ବିଗିଡ଼ିଯାଇଛି। ଏବେ ସାରା ବିଶ୍ୱରେ ଗ୍ରୀଷ୍ମକାଳ ଦୀର୍ଘ ହେବାରେ ଲାଗିଛି। ଶିଳ୍ପବିପ୍ଳବ ଆରମ୍ଭ ହେବା ସମୟରୁ ଅଦ୍ୟାବଧି ତାପମାତ୍ରାରେ ୧.୧ ଡିଗ୍ରୀ ବୃଦ୍ଧି ହୋଇସାରିଛି। ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରା ନ ଗଲେ ଏହାର ପରିଣାମ ବିଷମ ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ମତବ୍ୟକ୍ତ କରିଛନ୍ତି। ସାଧାରଣତଃ ଜାପାନରେ ଜୁନ୍‌ରେ ବର୍ଷା ଋତୁ ଚାଲିଥାଏ। ତେବେ ଚଳିତବର୍ଷ ୨୨ ଦିନ ଆଗରୁ ବର୍ଷା ଋତୁ ଶେଷ ହୋଇଯାଇଥିବା ଘୋଷଣା କରାଯାଇଛି।



# ଜାତୀୟ ଚିକିତ୍ସା ଦିବସ

## ନିଷ୍ଠାପର ସେବା

ଜୁଲାଇ ୧ତାରିଖ ସୁନାମଧନ୍ୟ ଚିକିତ୍ସକ ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଭାରତରତ୍ନ ଡାକ୍ତର ବିଧାନଚନ୍ଦ୍ର ରାୟଙ୍କ ଜନ୍ମ ଓ ତିରୋଧାନ ଦିବସ (ଜନ୍ମ-୧ଜୁଲାଇ ୧୮୮୨, ତିରୋଧାନ-୧ଜୁଲାଇ ୧୯୬୨)। ସେ ଏକାଧାରାରେ ଜଣେ ଧୂରୀଣ ଚିକିତ୍ସକ, ରାଜନେତା ଓ ରାଷ୍ଟ୍ରନୀତିଜ୍ଞ ଥିଲେ। ଏହା ସହିତ ସେ ମହାତ୍ମାଗାନ୍ଧୀ ଓ ପଣ୍ଡିତ ନେହେରୁଙ୍କ ବ୍ୟକ୍ତିଗତ ଚିକିତ୍ସକ ଥିଲେ। ତାଙ୍କ ସ୍ମୃତିରେ ୧ଜୁଲାଇ ୧୯୯୧ଠାରୁ ଏହି ଦିନଟିକୁ ଜାତୀୟ ଚିକିତ୍ସା ଦିବସ ପାଳିତ ହୋଇଆସୁଛି।

ଭାରତ ପରି ଏକ ବିକାଶୋନ୍ମୁଖୀ ଦେଶ ପାଇଁ ସ୍ୱାସ୍ଥ୍ୟ ହେଉଛି ଏକ ବଡ଼ ଆହ୍ୱାନ। ବିଶେଷତଃ ସୀମିତ ସମ୍ବଳମଧ୍ୟରେ ଭାରତ ବିଶ୍ୱରେ ପ୍ରଥମ ଥର ପାଇଁ ପରିବାର ନିୟନ୍ତ୍ରଣ ସଂକ୍ରାମକ ରୋଗର ସଫଳ ନିୟନ୍ତ୍ରଣ ଓ ମୂଳୋତ୍ପାଟନ କରିପାରିଛି। ଔଷଧ, ଟିକା ତିଆରି କ୍ଷେତ୍ରରେ ଏହା ଶୀର୍ଷରେ ପହଞ୍ଚିଛି। ପ୍ରତ୍ୟେକ ଦେଶରେ କାର୍ଯ୍ୟ କରୁଥିବା ଡାକ୍ତର ମାନେ ହେଉଛନ୍ତି ସବୁଠାରୁ କର୍ମଠ, ଧୂରୀଣ, ଜ୍ଞାନୀ ସମ୍ପନ୍ନ ଓ ଚିକିତ୍ସା ଓ ଶଲ୍ୟ ଚିକିତ୍ସାର ନିପୁଣ। ଦୀର୍ଘ ବର୍ଷର ପାଠ ପଢ଼ା, କଠିନ ପାଠ୍ୟକ୍ରମ ଓ ବିପଦପୂର୍ଣ୍ଣ ସ୍ଥିତିରେ କାମ କରୁଥିବା ଭାରତୀୟ ଚିକିତ୍ସକ ମାନେ କୌଣସି ଗୁଣରେ ଊଣା ନୁହଁନ୍ତି।

**-ଡା. ରାମଚନ୍ଦ୍ର ରାଉତ,**
**ବରିଷ୍ଠ ଚିକିତ୍ସକ**




# କାର୍‌ର ଧୂଳିରେ ଚମତ୍କାର କଳାକୃତି

**ନୂଆଦିଲ୍ଲୀ:** କଳାକାର ସବୁବେଳେ କିଛି ନୂଆ କରି ଦେଖାଇଥାଏ। ବର୍ତ୍ତମାନ ସମୟରେ ଆବର୍ଜନାକୁ ବ୍ୟବହାର କରି ଅନେକ କଳାକୃତି କରାଯାଉଛି। ତେବେ ଜଣେ କଳାକାର ଧୂଳିରେ ଚମତ୍କାର କଳାକୃତି କରି ଦେଖାଇଛନ୍ତି। ଦୀର୍ଘମାସ ହେଲା ପାର୍କିଂରେ ଛିଡ଼ା ହୋଇଥିବା ଏକ କାର୍‌ରେ ଧୂଳି ଜମି ରହିଥିଲା। ସେହି କାର୍‌ର ପଛ କାଚରେ ସମ୍ପୃକ୍ତ କଳାକାର ବ୍ରଶ ଏବଂ ଇୟର ବଡ୍ ସହାୟତାରେ ଏକ କୁକୁରର ଚିତ୍ର ଆଙ୍କିଥିଲେ, ଯାହା ଜୀବନ୍ତ ଦେଖାଯାଉଥିଲା। ଏହି ଭିଡିଓ ଏବେ ସୋସିଆଲ୍ ମିଡିଆରେ ଘୂରିବୁଲୁଛି। ସମ୍ପୃକ୍ତ କଳାକାରଙ୍କ ଏଭଳି ନିଆରା କଳାକୃତିଙ୍କୁ ଦର୍ଶକମାନେ ପ୍ରଶଂସା କରିଛନ୍ତି। ତେବେ ସେହି କଳାକାର ଜଣକ କିଏ, ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିପାରିନାହିଁ।






DSPL-93

**ନବ କିଶୋର ଦାସ**
**ମନ୍ତ୍ରୀ**
**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ**

ଓଡ଼ିଶା ସରକାର



ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶ **'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ ପ୍ରତିଟି ଜୀବନ ମୂଲ୍ୟବାନ'** ଆଧାରରେ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତିଷ୍ଠିତ। ବିଗତ ତିନି ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉଲ୍ଲେଖନୀୟ ଅଗ୍ରଗତି ଅନେକ। ତନ୍ମଧ୍ୟରୁ କିଛି ପ୍ରମୁଖ ସଫଳତା ନିମ୍ନରେ ଦିଆଗଲା :

- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କୁ ଦେୟମୁକ୍ତ ଚିକିତ୍ସା ସେବା ସମସ୍ତ ସରକାରୀ ଓ ବିଭିନ୍ନ ପଞ୍ଜିକୃତ ହସ୍ପିଟାଲରେ ଯୋଗାଇ ଦିଆଯାଉଅଛି। ଏଥିରେ ପ୍ରତି ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ସହ ମହିଳାମାନଙ୍କ ପାଇଁ ଏହି ପରିବର୍ଦ୍ଧିତ ରାଶି ୧୦ ଲକ୍ଷ ରଖାଯାଇଛି। ଏଯାବତ୍ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ଏଥିରୁ ଉପକୃତ ହୋଇସାରିଲେଣି। ଏହା ବାଦ୍ ନିରାମୟ, ନିଦାନ, ସୁନେତ୍ର ଆଦି ଯୋଜନା ମାଧ୍ୟମରେ ସମସ୍ତ ନାଗରିକଙ୍କୁ ମାଗଣାରେ ଚିକିତ୍ସା ସୁବିଧା ସରକାରୀ ଚିକିତ୍ସାଳୟରେ ଯୋଗାଇ ଦିଆଯାଉଛି।
- ରାଜ୍ୟରେ କୋଭିଡ୍ ରୋଗୀଙ୍କ ଚିକିତ୍ସା ନିମନ୍ତେ ସରକାର ସମସ୍ତ ଆନୁଷଙ୍ଗିକ ଚିକିତ୍ସା ସୁବିଧା ସରକାରୀ ତଥା ବେସରକାରୀ ହସ୍ପିଟାଲରେ ମାଗଣାରେ ଯୋଗାଇ ଦେଉଛନ୍ତି।
- ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ତଥା କର୍ମଚାରୀମାନଙ୍କ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ 5T ଅଧିନରେ **ମୋ ସରକାର** ଯୋଜନାରେ ପ୍ରତିଟି ଲୋକଙ୍କ ସହ ଯୋଗାଯୋଗ କରାଯାଇ ପାରିଛି।
- ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲକୁ ଏମ୍ସ ସ୍ତରକୁ ଉନ୍ନିତ କରିବା ସହିତ ଏମ୍‌କେସିଜି ଓ ଭିମ୍‌ସାର୍ ଠାରେ ସୁପରସ୍ପେସିଆଲିଟି ବ୍ୟବସ୍ଥା ସହ ଭିମ୍‌ସାର ଠାରେ ୫ଟି ସୁପରସ୍ପେସିଆଲିଟି ବିଭାଗ, ଏମ୍‌କେସିଜି ଠାରେ ଦୁଇଟି ସୁପରସ୍ପେସିଆଲିଟି ବିଭାଗ ସୁଦୃଢ଼ିକରଣ କରାଯାଉଛି।
- ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ସରକାର ଅଗ୍ରାଧିକାର ଭିତିରେ ଡାକ୍ତର, ପାରାମେଡିକ୍ସ୍ ଇତ୍ୟାଦି ଜରୁରୀକାଳିନ ପଦବୀ ଗୁଡିକର ନିଯୁକ୍ତି ପ୍ରକ୍ରିୟା ଜାରି ରଖିଛନ୍ତି।
- ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ 'ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ' ଅନ୍ତର୍ଗତ ଏକ ବର୍ଷରୁ କମ୍ ଶିଶୁଙ୍କର ଟୀକାକରଣ ହାର ଶତକଡା ୯୦.୫ ହୋଇପାରିଛି, ଯାହାକି ସମଗ୍ର ଦେଶରେ ସର୍ବାଧିକ ହୋଇ ପାରିଛି ଓ କୋଭିଡ୍-୧୯ ଟୀକାକରଣ କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ଶତକଡା ୯୬ ଭାଗ ପ୍ରଥମ ଡୋଜ୍ ଏବଂ ଶତକଡା ୮୭ ଭାଗ ଉଭୟ ଡୋଜ୍ ନେଇସାରିଛନ୍ତି।
- ଶିଶୁ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ରାଜ୍ୟକୁ ଉଲ୍ଲେଖନୀୟ ସଫଳତା ମିଳିଛି - ୨୦୦୫ ରୁ ୨୦୨୦ ମଧ୍ୟରେ ଶିଶୁ ମୃତ୍ୟୁହାର ୩୯ ପଏଣ୍ଟ ହ୍ରାସ ପାଇଛି।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ଦୂରଦୃଷ୍ଟି ସମ୍ପନ୍ନ ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ସରକାର କୋଭିଡ୍ ଭଳି ମହାମାରୀକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇପାରିଛନ୍ତି। ଆସନ୍ତୁ ଆମେ ଆଗାମୀ ଦିନରେ ସମସ୍ତଙ୍କ ନିକଟରେ ଉନ୍ନତ ସ୍ୱାସ୍ଥ୍ୟ ସେବାକୁ ପହଞ୍ଚାଇବାକୁ ସଙ୍କଳ୍ପ ବଦ୍ଧ ହେବା।

ନବକିଶୋର ଦାସ
(ନବ କିଶୋର ଦାସ)

OIPR-10003/13/0025/2223

DSPL-90

ଓଡ଼ିଶା ସରକାର

**ରଥଯାତ୍ରା-୨୦୨୨ ନିମନ୍ତେ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା**

- ଜ୍ୱର, ଶର୍ଦ୍ଦି, ଥଣ୍ଡାକାଶ ଆଦି ହେଉଥିବା ବ୍ୟକ୍ତି ଆଦୌ ଜନଗହଳି ମଧ୍ୟକୁ ନ ଯାଇ ଘରେ ଟିଭି ମାଧ୍ୟମରେ ରଥଯାତ୍ରା ଦେଖନ୍ତୁ।
- କୋଭିଡ୍ ନିୟମ ଯଥା : ସଠିକ୍ ଭାବେ ମାସ୍କ ପିନ୍ଧିବା, ହାତକୁ ଭଲଭାବେ ସାବୁନ୍‌ରେ ଧୋଇବା/ସାନିଟାଇଜରରେ ସଫା କରିବା ଆଦି ନିଷ୍ଠାର ସହ ପାଳନ କରନ୍ତୁ।
- ବିଶୁଦ୍ଧ ପାଣି (ପାଇପ୍ ପାଣି, ସିଝା ପାଣି କିମ୍ବା ହାଲୋଜେନ୍ ବଟିକା ପଡିଥିବା ପାଣି) ପିଅନ୍ତୁ।
- ବାହାରେ ଖୋଲା ବିକ୍ରି ହେଉଥିବା ଖାଦ୍ୟ, ରଙ୍ଗ ଦିଆ ଖାଦ୍ୟ, ବାସି ଓ ଦୁର୍ଗନ୍ଧ ହେଉଥିବା ଖାଦ୍ୟ, ମାଛି ବସୁଥିବା ଖାଦ୍ୟ କିମ୍ବା ପଚାସଢ଼ା ଫଳ ଖାଆନ୍ତୁ ନାହିଁ।
- ସମୁଦ୍ର ସ୍ନାନ ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରନ୍ତୁ।
- ବଡଦାଣ୍ଡ, ଶରଧା ବାଲି, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଓ ସମୁଦ୍ର କୂଳ ଆଦି ସ୍ଥାନରେ ରାଜ୍ୟ ସରକାରଙ୍କ ତରଫରୁ ଆଶୁ ଚିକିତ୍ସା କେନ୍ଦ୍ରମାନ ଖୋଲା ଯାଇଛି। ଦରକାର ହେଲେ ସାହାଯ୍ୟ ନିଅନ୍ତୁ।
- କୌଣସି ଦୁର୍ଘଟଣା ସମୟରେ ଜରୁରୀ ଖବର ଦେବା ପାଇଁ ଆପଣଙ୍କ ନିକଟ ସମ୍ପର୍କୀୟଙ୍କ ଫୋନ୍ ନମ୍ବର ପାଖରେ ରଖନ୍ତୁ।



**ଜରୁରୀ ସେବା ଫୋନ୍ ନମ୍ବର :**
ପୁରୀ ସଦର ହସ୍ପିଟାଲ କଣ୍ଟ୍ରୋଲ ରୁମ୍ : ୦୬୭୫୨-୨୨୨୧୭୫
ରାଜ୍ୟ ସ୍ୱାସ୍ଥ୍ୟ ସେବା ହେଲ୍ପ ଲାଇନ୍ : ୧୦୪

**ଆସନ୍ତୁ, ଉପରୋକ୍ତ ସମସ୍ତ ନିୟମ ପାଳନ ପୂର୍ବକ ମହାପ୍ରଭୁଙ୍କ ଘୋଷ ଯାତ୍ରାକୁ ମନଭରି ଉପଭୋଗ କରିବା।**



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha

OIPR- 10003/13/0024/2223

